## ସଂକ୍ଷେପରେ

### ମିକ୍ସର ମେଶିନ ଓଲଟି ଜଣେ ମୃତ, ଜଣେ ଗୁରୁତର

ରାୟଗଡ଼ା,୨।୩ (ଆଶିଷ ରଞ୍ଜନ ପଣ୍ଡା)



ରାୟଗଡ଼ା ଜିଲା ଚାନ୍ଦିଲି ଥାନା ଅଧୀନ ପୋଙ୍ଗିଲି ଗ୍ରାମରେ ଶୁକ୍ରବାର ମିକ୍ସର ମେଶିନ ଓଲଟି ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ କଲ୍ୟାଣସିଂହପୁର ଗ୍ରାମର ଅନିଲ ହିକକା (୧୮)। ଦୁର୍ଘଟଣାରେ ମୁନା ପେରିସିକା ନାମକ ଜଣେ ଯୁବକ ଗୁରୁତର ଅଛନ୍ତି। ଅନୀଲ ଓ ମୁନା ସେଠାରେ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। ସୂଚନାନୁଯାୟୀ, ଅନୀଲ ଜଣେ ରେଲୱେ ଠିକାଦାରଙ୍କ ପାଖରେ କାମ କରୁଥିଲେ। ଶୁକ୍ରବାର ରେଳଧାରଣା କାର୍ଯ୍ୟ ଚାଲିବାବେଳେ କୌଣସି କାରଣରୁ ମିକ୍ସର ମେସିନ ଓଲଟି ପଡିଥିଲା। ଉକ୍ତ ମେସିନ ତଳେ ଚାପି ହୋଇ ଅନୀଲଙ୍କ ମୃତ୍ୟୁ ହୋଇଯାଇଥିଲା।ଏଥିସହ ମୁନା ଗୁରୁତର ହୋଇଥିଲେ। ଖବରପାଇ ଥେରୁବାଲି ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲା। ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଡାକ୍ତରଖାନାରେ ମୁନାଙ୍କ ଚିକିତ୍ସା ଚାଲିଛି।

### ଚନ୍ଦ୍ରଘଣ୍ଟେଶ୍ୱର ମନ୍ଦିର ପ୍ରତିଷ୍ଠା ମହୋତ୍ସବ



ନବରଙ୍ଗପୁର,୨।୩(ସଦାଶିବ ପ୍ରହରାଜ)

ନବରଙ୍ଗପୁର ପୋଲିସ ପକ୍ଷରୁ ପୋଲିସ ରିଜର୍ଭ ପଡିଆ ଐକ୍ୟ ବାଟିକା ନିକଟରେ ଚନ୍ଦ୍ର ଘଣ୍ଟେଶ୍ୱର ମନ୍ଦିର ପ୍ରତିଷ୍ଠା ମହୋତ୍ସବ ଚାଲିଛି। ୨୮ ତାରିଖରେ ଜଳଯାତ୍ରା, ବନଯୋଗ, ମଣ୍ଡଳ କାରଣ ଓ ଅନଙ୍କୁରାରୋପଣ କରାଯାଇଥିଲା। ୨୯ରେ ଶାଳା ପ୍ରବେଶ ଷଟକର୍ମ, ମଣ୍ଡଳ ପୂଜା, ତିରୋନାଦିପୂଜା ଓ ହୋମ ଆରମ୍ଭ ହୋଇଥିଲା। ୧ ତାରିଖରେ ସୂର୍ଯ୍ୟ ପୂଜା,ଏହାସ୍ନାନ, ଅଧିବାସ, ହୋମ, ଦେବତା ନ୍ୟାସ ଓ ପ୍ରାଣପ୍ରତିଷ୍ଠା କାର୍ଯ୍ୟ ସମାପନ ହୋଇଛି। ଶନିବାର ସୂର୍ଯ୍ୟ ପୂଜା ଓ ଶିଖର ପ୍ରତିଷ୍ଠା ସହ ରତ୍ନମୁଦ କର୍ମ ଆଦି ଅନୁଷ୍ଠିତ ହୋଇଛି। ରବିବାର ପ୍ରସାଦ ପ୍ରତିଷ୍ଠା, ପିଠାଦିନ୍ୟାସ, ଦେବତା ସ୍ଥାପନ, ଧ୍ୱଜା ରୋହଣ, ମହା ରୁଦ୍ରାଭିଷେକ ଓ ଅପରାହ୍ନରେ ନ୍ୟସାଦି ହୋମ ଓ ପୂର୍ଣ୍ଣାହୂତି କାର୍ଯ୍ୟ ସମ୍ପନ୍ନ ହେବ। ପ୍ରତିଷ୍ଠା ଉତ୍ସବରେ ରାଜ ପୁରୋହିତ ନରସିଂହ ନାଥ ତ୍ରିପାଠୀ, ପ୍ରମୋଦ ତ୍ରିପାଠୀ, ଗୁପ୍ତଶଙ୍କର ଷଡ଼ଙ୍ଗୀ, ନିଳାଞ୍ଚଳ ତ୍ରିପାଠୀ, ରାମଚନ୍ଦ୍ର ରଥ, ସୁଧାକର ପାଢ଼ୀ, ପ୍ରମିଶ ତ୍ରିପାଠୀ ପ୍ରମୁଖ ପୁରୋହିତଭାବେ ଉପସ୍ଥିତ ଥିଲେ। ଅର୍ତ୍ତତ୍ରାଣ ପୁରୋହିତ କର୍ତ୍ତାଭାବେ ରହିଥିଲେ। ପିତାମ୍ବର ସାହୁ, ପ୍ରତାପ ବିଷୋୟୀ, ରବୀନ୍ଦ୍ର ମିଶ୍ର ଓ ସୁନୀଲ ମହାପାତ୍ର ପୂଜାର୍ଚ୍ଚନା କରିଥିଲେ।

# ୧ କିଲୋ ବଦଳରେ ମିଳୁଛି ୮୮୮ ଗ୍ରାମ୍

ରାୟଗଡ଼ା,୨।୩(ଆଶିଷ ରଞ୍ଜନ ପଣ୍ଡା)

- ଓଜନ ମାପରେ ଗ୍ରାହକଙ୍କୁ ଠକେଇ
- ସ୍ଥାଣୁ ପାଲଟିଛି ବୈଧମାପ ବିଭାଗ

ରାୟଗଡ଼ା ଜିଲାରେ ଓଜନ ମାପ ନିୟନ୍ତ୍ରଣ ପାଇଁ ବୈଧମାପ ନିୟନ୍ତ୍ରଣ ବିଭାଗ ରହିଛି। ଏହାଦ୍ୱାରା ପ୍ରତ୍ୟେକ ବ୍ୟବସାୟିକ ପ୍ରତିଷ୍ଠାନରେ ଥିବା ଓଜନ ମାପ ବଟକରା ଓ ଯନ୍ତ୍ରପାତି ଆଦିର ପରୀକ୍ଷା କରାଯାଇ ସାର୍ଟିଫିକେଟ ଦିଆଯାଏ। ହେଲେ ଜିଲାରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ୨୦୦୮ରୁ ବଟକରା ଓ ବିଭିନ୍ନ ଇଲେକ୍ଟ୍ରୋନିକ ଓଜନମାପ ମେଶିନଗୁଡ଼ିକର ପରୀକ୍ଷା ହୋଇନାହିଁ କି ଏହା ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଫଳରେ ସାଧାରଣ ଗ୍ରାହକ ଠକେଇର ସମ୍ମୁଖୀନ ହେଉଛନ୍ତି।

ରାୟଗଡ଼ା ସହରର ଛୋଟ ରାଶନ ଦୋକାନୀଠାରୁ ଆରମ୍ଭ କରି ବଡ଼ ବଡ଼ ହୋଲସେଲ ବ୍ୟବସାୟୀ ଓ ସୁନା ଦୋକାନ ଆଦି ରହିଛି। ସହର ଓ ଏହାର ଆଖପାଖ ଅଞ୍ଚଳରେ ପ୍ରାୟ ୩ ହଜାରରୁ ଊର୍ଦ୍ଧ୍ୱ ଦୋକାନ ରହିଛି। ହେଲେ ଉକ୍ତ ଦୋକାନଗୁଡ଼ିକରେ ଥିବା ନିକିତି, ବଟକରା ଓ ଇଲେକ୍ଟ୍ରୋନିକ ମେଶିନଗୁଡ଼ିକ ବିନା ପରୀକ୍ଷଣରେ ଗ୍ରାହକଙ୍କୁ ଜିନିଷ ଦିଆଯାଉଛି। ଏନେଇ କୌଣସି ନିୟନ୍ତ୍ରଣ ରକ୍ଷା କରୁନାହିଁ ବୈଧମାପ ବିଭାଗ। ବିଭାଗୀୟ ନିୟନ୍ତ୍ରଣ ଅଭାବରୁ ଠକେଇର ଶିକାର ହେଉଛନ୍ତି ସାଧାରଣ ଜନତା।




ବୈଧମାପ ବିଭାଗରେ ବଟକରାର ପରୀକ୍ଷଣ ସମୟରେ ଦୃଶ୍ୟମାନ ଓଜନ।

ଏ ଭଳି ଏକ ଘଟଣା ରାୟଗଡ଼ା ସହର ରାମକୃଷ୍ଣ ନଗରର ଜଣେ ଗ୍ରାହକ ଏକ ମାଂସ ଦୋକାନକୁ ଯାଇଥିଲେ। ସେଠାରେ ସେ ୧କେଜି ମାଂସ କିଣିଥିଲେ। ଏହି ସମୟରେ ଉକ୍ତ ଦୋକାନୀ ନିକଟରେ ୧ କେଜି ଓଜନର ଦୁଇଟି ବଟକରା ଦେଖିବାକୁ ପାଇଥିଲେ। ଏନେଇ ସେ ଦୋକାନୀଙ୍କୁ ଦୁଇଟି ସମାନ ଓଜନର ବଟକରା ବିଷୟରେ ପ୍ରଶ୍ନ କରିଥିଲେ। ତେବେ ଦୋକାନୀ ଏଥିରେ ଘଣ୍ଟ ଘୋଡ଼ାଇ କଥା ଏଡ଼ାଇବାକୁ ଚେଷ୍ଟା କରିଥିଲେ। ହେଲେ ବ୍ୟକ୍ତି ଜଣକ ଉକ୍ତ ବଟକରାକୁ ନେଇ ଅନ୍ୟ ଏକ ଦୋକାନରେ ଇଲେକ୍ଟ୍ରୋନିକ ମେଶିନରେ ଓଜନ କରିବା ସମୟରେ ଗୋଟିଏ ବଟକରାର ଓଜନ ୧କେଜି ରହିଥିବା ବେଳେ ଅନ୍ୟଟିର ଓଜନ ୮୮୦ଗ୍ରାମ ହୋଇଥିଲା। ଏନେଇ ବ୍ୟକ୍ତି ଜଣକ ଅସନ୍ତୋଷ ପ୍ରକାଶ କରିବା ସହ ଉକ୍ତ ବଟକରାକୁ ନେଇ ଗଣମାଧ୍ୟମ ପ୍ରତିନିଧିଙ୍କୁ ଅବଗତ କରାଇଥିଲେ।

ଘଟଣାରେ ଉକ୍ତ ବଟକରାକୁ ନେଇ ବୈଧମାପ ବିଭାଗରେ ପହଞ୍ଚି ସେଠାରେ ଓଜନ କରାଇବାରୁ ତାହାର ଓଜନ ୮୮୮ ଗ୍ରାମ ଦେଖାଇଥିଲା। ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନାରୁ ଜଣାପଡ଼ିଛି, ଉକ୍ତ ବଟକରାକୁ ଜାଣିଶୁଣି ଏଭଳି କରାଯାଇଛି। ପ୍ରତି ୨ ବର୍ଷରେ ଏହାକୁ ପରୀକ୍ଷା କରି ସାର୍ଟିଫିକେଟ ନିଆଯିବା କଥା, ଯାହାକି ୨୦୦୮ ପରଠାରୁ ହୋଇନାହିଁ। କେବଳ ମାଂସ ଦୋକାନରେ ନୁହେଁ ରାୟଗଡ଼ା ସହରରେ ପ୍ରାୟ ଦୋକାନରେ ଏହିଭଳି କମ୍ ଓଜନର ବଟକରା ରଖି ବ୍ୟବସାୟୀ ଲୋକଙ୍କୁ ଠକି ଚାଲିଛନ୍ତି। ହେଲେ ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ।

ଏନେଇ ବୈଧମାପ ବିଭାଗ ଇନ୍ସପେକ୍ଟର ପ୍ରିୟରଞ୍ଜନ ମହାନ୍ତିଙ୍କୁ ପଚାରିବାରୁ ସେ ରାୟଗଡ଼ା, ଗୁଣପୁର ଓ ଗଜପତି ଜିଲା ଦାୟିତ୍ୱରେ ରହିଛନ୍ତି। ତେଣୁ ଉପଯୁକ୍ତ ଭାବେ ଯାଞ୍ଚ ହୋଇପାରୁନାହିଁ। ଫଳରେ ଦୋକାନୀମାନେ ଏହିଭଳି ଠକେଇ କରୁଛନ୍ତି। ମାନୁଆଲ ଓଜନ ସାମଗ୍ରୀର ଯାଞ୍ଚ ପ୍ରତି ୨ ବର୍ଷରେ ଏବଂ ଡିଜିଟାଲ ମେଶିନ ପ୍ରତି ବର୍ଷକରେ ଥରେ ଯାଞ୍ଚ ହେବାର ନିୟମ ରହିଛି। ହେଲେ ଏଥିରେ ସମ୍ପୂର୍ଣ୍ଣ ବ୍ୟତିକ୍ରମ ଦେଖାଦେଇଛି। ଅନ୍ୟପଟେ ବିଭାଗୀୟ ଯାଞ୍ଚ ହେଉନାହିଁ ତା'ହେଲେ ରାଜ୍ୟ ସରକାରଙ୍କ ପକ୍ଷରୁ ପରୀକ୍ଷା କରାଯାଇ ସାର୍ଟିଫିକେଟ ବାବଦକୁ ଆଦାୟ ପାଇଁ ଥିବା ଧାର୍ଯ୍ୟ କର କିଭଳି ଆଦାୟ ହେଉଛି ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। କାରଣ ବିଭାଗରୁ ମିଳିଥିବା ତଥ୍ୟ ଅନୁସାରେ ଫେବୃଆରୀ ଶେଷ ସୁଦ୍ଧା ସାର୍ଟିଫିକେଟ ନବୀକରଣ ଓ ଜରିମାନା ବାବଦକୁ ୨୪ଲକ୍ଷ ୧୬ହଜାର ୩୩୨ଟଙ୍କା ଆଦାୟ ହୋଇଛି, ଯାହାକି ବିଭାଗ ପକ୍ଷରୁ ଆଦାୟ ହେବାକୁ ଥିବା ରାଜସ୍ୱର ୮୫% ପ୍ରତିଶତରୁ ଊର୍ଦ୍ଧ୍ୱ। ସେହିଭଳି ବିଭିନ୍ନ ସମୟରେ ଯାଞ୍ଚ କରି ଜିଲାରେ ୧୧୯ ମାମଲାରେ ମୋଟ ୨ଲକ୍ଷ ୫ହଜାର ୫୦୦ଟଙ୍କା କରାଯାଇଥିବା ସୂଚନା ଦେଇଛନ୍ତି ଇନ୍ସପେକ୍ଟର ମହାନ୍ତି।

## ଆର୍ଥିକ ସାକ୍ଷରତା ଅଭିଯାନ ସଚେତନତା କାର୍ଯ୍ୟକ୍ରମ




ଜଣେ ହିତାଧିକାରୀଙ୍କୁ ସହାୟତା ରାଶି ପ୍ରଦାନ କରାଯାଉଛି।

ଟିକିରି, ୨।୩(ପ୍ରଫୁଲ୍ଲ କୁମାର ବେହେରା)

ରାୟଗଡ଼ା ଜିଲା କାଶୀପୁର ବ୍ଲକ ବାଙ୍କାମ୍ବ ପଞ୍ଚାୟତ ସଦର ଗାଁରେ ଉତ୍କଳ ଗ୍ରାମୀଣ ବ୍ୟାଙ୍କ ଟିକିରି ଶାଖା ପକ୍ଷରୁ ଆର୍ଥିକ ସାକ୍ଷରତା ଅଭିଯାନ ସଚେତନ କାର୍ଯ୍ୟକ୍ରମ କରାଯାଇଛି। ବ୍ୟାଙ୍କ ଶାଖା ପରିଚାଳକ ବିବେକାନନ୍ଦ ନାୟକ, ଫିଲ୍ଡ ଅଫିସର୍ ଦୀପକ୍ ଲେଙ୍କା, ବାଙ୍କାମ୍ବ ସରପଞ୍ଚ ପିଲୁକୁ ମାଝି, ନାଏବ ସରପଞ୍ଚ, ବ୍ୟାଙ୍କ ମିତ୍ର ଉର୍ବଶୀ ନାୟକ, ଉତ୍କଳ ଗ୍ରାମୀଣ ଶାଖା ବାଙ୍କାମ୍ବ ମିନୀ ବ୍ୟାଙ୍କରୁ ପଦ୍ମନାଭ ବିଷୋୟୀ, ଏମ୍.ବି.କେ ମହିମା ମହାନନ୍ଦ୍ୟା, ଉଷା ତୁରୁକ୍ ଯୋଗାଣ ସହାୟକ ହରେକୃଷ୍ଣ ସାହୁ, ଜ୍ୟୋତି କନ୍ଦପାଣି ପ୍ରମୁଖ ଉପସ୍ଥିତ ଥିଲେ। ଉତ୍କଳ ଗ୍ରାମୀଣ ବ୍ୟାଙ୍କର କାମ, ଲୋକମାନେ କିପରି ଏହି ସୁବିଧା ପାଇ ପାରିବେ ସେ ବିଷୟରେ ଆଲୋଚନା କରାଯାଇଛି। ଲୋକେ ସାଇବର ଠକେଇର ଶିକାର ହେଉଛନ୍ତି। ବ୍ୟାଙ୍କ ପକ୍ଷରୁ ଅନେକଗୁଡ଼ିଏ ସୁବିଧା ଅଛି ତାହା ଲୋକେ ଜାଣି ପାରୁନାହାନ୍ତି ବୋଲି ଟିକିରି ଉତ୍କଳ ଗ୍ରାମୀଣ ବ୍ୟାଙ୍କ ଶାଖା ପରିଚାଳକ ନିତ୍ୟାନନ୍ଦ ନାୟକ କହିଥିଲେ। ଉକ୍ତ ଯୋଜନା ସମ୍ପର୍କରେ ଆଲୋଚନା କରାଯାଇଥିଲା। ୨ଜଣଙ୍କୁ ଜୀବନ ବୀମା ରାଶି ପ୍ରଦାନ କରଯାଇଥିଲା।

## ବିଭିନ୍ନ ପ୍ରକଳ୍ପର ଶୁଭ ଦେଲେ ବିଧାୟକ

ଗୁଣପୁର,୨।୩(ପ୍ରଦୀପ କୁମାର ପାଢ଼ୀ)

ଆଉ କିଛି ଦିନ ପରେ ସାଧାରଣ ନିର୍ବାଚନ ପାଇଁ ବିଗୁଲ ବାଜିବ। ଏହାକୁ ଦେଖି ଶାସକ ଦଳରୁ ଖୁବ ତତ୍ପରତା ପ୍ରକାଶ ପାଇଛି। ଶନିବାର ରାୟଗଡ଼ା ଜିଲା ଗୁଣପୁର ଅଞ୍ଚଳରେ ବିଭିନ୍ନ ପ୍ରକଳ୍ପ ନିର୍ମାଣ ନେଇ ବିଧାୟକ ରଘୁନାଥ ଗମାଙ୍ଗ ଶୁଭ ଦେଇଛନ୍ତି। ୪୮ ଲକ୍ଷ ଟଙ୍କାର ପ୍ରାୟ ୧୭ପ୍ରକଳ୍ପ ପାଇଁ ଭୂମି ପୂଜା କରାଯାଇଛି। ଗଣେଶ ମନ୍ଦିର, କାଶୀ ବିଶ୍ୱନାଥ, ସରସ୍ୱତୀ ଶିଶୁବିଦ୍ୟା ମନ୍ଦିର, ବନଦୁର୍ଗା ମନ୍ଦିର, ମୁତ୍ୟାଲୁ ମନ୍ଦିର, ଅରବିନ୍ଦ ଶିକ୍ଷାନୁଷ୍ଠାନ, ଜଗନ୍ନାଥ ମନ୍ଦିର, ରାଧାକୃଷ୍ଣ ମନ୍ଦିର, ଭୂତେଶ୍ୱର ମନ୍ଦିର ସମେତ ବିଭିନ୍ନ ପଞ୍ଚାୟତରେ ଗୋଷ୍ଠୀ ଗୃହ ନିର୍ମାଣ ନିମନ୍ତେ ବିଧାୟକ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ବହୁ ବିଜେଡି ନେତା, କର୍ମୀଙ୍କ ସମେତେ ମାନ୍ୟଗଣ୍ୟ ବ୍ୟକ୍ତି ଏବଂ ସମ୍ପୃକ୍ତ ଅନୁଷ୍ଠାନର କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# ଡ୍ରୋନ୍ ମାଧ୍ୟମରେ କୀଟନାଶକ ସିଞ୍ଚନ

ନବରଙ୍ଗପୁର,୨।୩(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକର ସିନ୍ଧିଗୁଡ଼ାରେ ଶନିବାର ପ୍ରଥମଥର ପାଇଁ ଡ୍ରୋନ ସହାୟତାରେ ଆକାଶମାର୍ଗରୁ ଲିମ୍ଭ ଜାତୀୟ କୀଟନାଶକ ଔଷଧ ସିଞ୍ଚନର କ୍ଷେତ୍ରପ୍ରଦର୍ଶନ କରାଯାଇଥିଲା।ଧାନ ପରବର୍ତ୍ତୀ ଫସଲ ପରିଚାଳନା ଯୋଜନାରେ ୧୦ ଏକର ଜମିରେ ନାକଟିଚଣା(ବିଟ) ଏବଂ ୫ ଏକର ମକା ଫସଲ ଉପରେ କୀଟନାଶକ ସିଞ୍ଚନର ସଫଳ ପ୍ରଦର୍ଶନ କରଯାଇଥିଲା। ଅତିରିକ୍ତ ଜିଲାପାଳ ନବୀନ ଚନ୍ଦ୍ର ନାୟକ, ନନ୍ଦାହାଣ୍ଡି ବ୍ଲକ ଅଧ୍ୟକ୍ଷା ରଶ୍ମିତା ମାଝି, ଜିଲା ମୁଖ୍ୟ କୃଷି ଅଧିକାରୀ ଜି. ଭେଙ୍କେଟ ରେଡ୍ଡୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ରବି ଋତୁରେ ପ୍ରାୟ ୧୦୦ ଏକର ଜମିରେ ଡ୍ରୋନ ମାଧ୍ୟମରେ ଔଷଧ ସିଞ୍ଚନ ପ୍ରଦର୍ଶନୀ କରାଯାଇ ଚାଷୀମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯିବା ଲକ୍ଷ୍ୟ ରଖାଯାଇଥିବା ମୁଖ୍ୟ ଜିଲା କୃଷି ଅଧିକାରୀ କହିଛନ୍ତି।

୧ ଏକର ଫସଲରେ ସିଞ୍ଚନ ପାଇଁ ମାତ୍ର ୮ ଲିଟର ପାଣିର ଆବଶ୍ୟକତା ରହିଥାଏ। ଉକ୍ତ ଡ୍ରୋନ ଯନ୍ତ୍ରର ଟାଙ୍କିରେ ୧୬ ଲିଟର ଔଷଧ ମିଶା ପାଣି ରହିପାରିବ। ମାତ୍ର ୪ମିନିଟରେ ଏହି ଡ୍ରୋନ ୧ ଏକର ଜମିରେ ଔଷଧ ସିଞ୍ଚନ କରିପାରିବ। ଏହି ସିଞ୍ଚନ ପ୍ରଣାଳୀ ଦ୍ୱାରା ଖୁବ ସାନ ସାନ ବୁନ୍ଦା ଔଷଧ ମିଶ୍ରିତ ପାଣି ଫସଲର ପତ୍ର ଉପରେ ସମାନ ଭାବରେ ପଡ଼ିପାରେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀ।



ଡ୍ରୋନ୍ ସାହାର୍ଯ୍ୟରେ ଫସଲରେ କୀଟନାଶକ ସିଞ୍ଚନ କରାଯାଉଛି।

ଡ୍ରୋନ ସିଞ୍ଚନ ଦ୍ୱାରା ଶ୍ରମିକ ସମସ୍ୟା ମଧ୍ୟ ଦୂରୀଭୂତ ହୋଇପାରିବ। ଏକର ପିଛା ମାତ୍ର ୫୦୦ ଟଙ୍କା ଦାମରେ ଡ୍ରୋନ ଦ୍ୱାରା କମ ସମୟ ଓ ସୁଲଭ ମୂଲ୍ୟରେ ଔଷଧ ସିଞ୍ଚନ କରାଯାଉଛି। ଏହି ଡ୍ରୋନର ବର୍ତ୍ତମାନ ମୂଲ୍ୟ ୧୦ ଲକ୍ଷ ୩୦ ହଜାର ଟଙ୍କା ରହିଛି। ଯାହା ଉପରେ ୫୦% ସରକାରୀ ରିହାତି ମିଳିପାରିବ। ଏସ୍ଏଚ୍‌ଜିକୁ ୭୫ ପ୍ରତିଶତ ସରକାରୀ ରିହାତି ମିଳିବାର ବ୍ୟବସ୍ଥା ରହିଛି ବୋଲି ଅଧିକାରୀମାନେ କହିଥିଲେ। ଉକ୍ତ ପ୍ରଦର୍ଶନ କ୍ଷେତ୍ରରେ ସ୍କିମ ଅଫିସର ପ୍ରଣବ କୁମାର ମନ୍ତ୍ରୀ, ନନ୍ଦାହାଣ୍ଡି ଗୋଷ୍ଠୀ କୃଷି ଅଧିକାରୀ, ଅମିତ କୁମାର ମଲ୍ଲିକ ତଥା ଅନ୍ୟ କୃଷି ଅଧିକାରୀ, ସ୍ଥାନୀୟ ଚାଷୀ, ଏସ୍ଏଚ୍‌ଜି ମହିଳାମାନେ ଉପସ୍ଥିତ ଥିଲେ।

ଏହାପରେ ନବରଙ୍ଗପୁର ବ୍ଲକ କୁସୁମିଠାରେ ମକା ଫସଲ ଏବଂ କୋଷାଗୁମୁଡ଼ା ବ୍ଲକ ମୁଣ୍ଡାଗଡ ଗ୍ରାମରେ ନାକଟିଚଣା ଫସଲ ଉପରେ ଡ୍ରୋନ ମାଧ୍ୟମରେ କୀଟନାଶକ ସିଞ୍ଚନ କରଯାଇଥିଲା।

## ମହିଳାଙ୍କ ଝୁଲନ୍ତା ମୃତଦେହ ଜବତ

### ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକେ

ନବରଙ୍ଗପୁର,୨।୩(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଥାନା ମିରଗାନଗୁଡ଼ାର ଗୋଟିଏ ଘରୁ ଜଣେ ବିବାହିତା ମହିଳାଙ୍କ ଝୁଲନ୍ତା ମୃତଦେହ ନବରଙ୍ଗପୁର ଟାଉନ ପୋଲିସ ଜବତ କରିଛି। ସାଇଣ୍ଟିଫିକ ଟିମ୍ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ମୃତ ମହିଳା ହେଲେ ଗୋବିନ୍ଦ ପନକାଙ୍କ ସ୍ତ୍ରୀ ସାବିତ୍ରୀ ଖଣ୍ଡପାନ (୨୩)। ମୃତକ ଜିଏନ୍ଏମ୍ ଟ୍ରେନିଂ କଲେଜରେ ସିକ୍ୟୁରିଟି ଗାର୍ଡ ଓ ତାଙ୍କ ସ୍ୱାମୀ ଜିଲା ମୁଖ୍ୟ ଚିକିତ୍ସାଳୟର ରକ୍ତ ଭଣ୍ଡାରରେ କାମ କରନ୍ତି। ଉଭୟଙ୍କର ୨ଟି ପୁଅ ଅଛନ୍ତି। ସେମାନେ ସମସ୍ତେ ମିରଗାନଗୁଡା ଅଞ୍ଚଳରେ ଏକ ଭଡାଘରେ ରହୁଥିଲେ। ଶୁକ୍ରବାର ରାତି ପ୍ରାୟ ୧୨ ଟାରେ ଗୋବିନ୍ଦ କାମ ସାରି ଘରକୁ ଫେରିବାବେଳକୁ ସାବିତ୍ରୀଙ୍କର ଝୁଲନ୍ତା ମୃତଦେହ ଦେଖି ନବରଙ୍ଗପୁର ପୋଲିସକୁ ଖବର ଦେଇଥିଲେ। ପୋଲିସ ଶନିବାର ସକାଳେ ପହଞ୍ଚି ମୃତଦେହ ଜବତ କରିବା ସହ ଗୋବିନ୍ଦଙ୍କୁ ଥାନାକୁ ଆଣି ପଚରାଉଚରା କରିଥିଲେ। ଗୋବିନ୍ଦ ହତ୍ୟା କରିଥିବା ନେଇ ସାବିତ୍ରୀଙ୍କ ପରିବାର ଲୋକେ ଅଭିଯୋଗ ଆଣିଥିଲେ। ଏହି ଅଭିଯୋଗ ଆଧାରରେ ନବରଙ୍ଗପୁର ପୋଲିସ କେସ ନମ୍ବର ୧୦୧/୨୪ରେ ଏକ ମାମଲା ରୁଜୁକରି ଗୋବିନ୍ଦଙ୍କୁ କୋର୍ଟ ଚାଲାଣ କରିଛି।

## ଅର୍ଥନୀତି ବିଭାଗର ସେମିନାର




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ଉମରକୋଟ, ୨।୩(ସନ୍ତୋଷ ଶତପଥୀ)

ନବରଙ୍ଗପୁର ଜିଲା ଉମରକୋଟ ପେଣ୍ଡରାଣୀ ଡ଼ିଗ୍ରୀ ମହାବିଦ୍ୟାଳୟର ଅର୍ଥନୀତି ବିଭାଗର ଏକ ଆଲଚୋନା ଚକ୍ର ଅନୁଷ୍ଠିତ ହୋଇଛି। । ମହାବିଦ୍ୟାଳୟର ଅର୍ଥନୀତି ବିଭାଗର ମୁଖ୍ୟ ଡକ୍ଟର ରବିନ୍ଦ୍ର ମିଶ୍ରଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ଡକ୍ଟର ଅନିଲ ମିଶ୍ର ମୁଖ୍ୟ ଅତିଥି, ପ୍ରାଧାପକ ଦିବାକର ପଟ୍ଟନାୟକ, ଅଧ୍ୟାପକ ରାମଶଙ୍କର ପଟନାୟକ, ଅଧ୍ୟାପକ ଅଶୋକ କୁଜୁର, ଅଧ୍ୟାପିକା ଚାନ୍ଦିନୀ ପାତ୍ର ସମ୍ମାନୀତ ଅତିଥିଭାବେ ଯୋଗ ଦେଇଥିଲେ। ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥିଭାବେ ରାଇଘର ପଞ୍ଚାୟତ ସମିତି ମହାବିଦ୍ୟାଳୟ ଅର୍ଥନୀତି ବିଭାଗ ବରିଷ୍ଠ ଅଧ୍ୟାପକ ରମେଶ ଚନ୍ଦ୍ର ପଟ୍ଟନାୟକ ଯୋଗ ଦେଇଥିଲେ। ସମ୍ପ୍ରତି ବିକାଶମୂଳକ କାର୍ଯ୍ୟ ଯୋଗୁ ଲୋକେ କିପରି ସବୁଦିନ ପାଇଁ ନିଜ ଭିଟାମାଟି ଛାଡ଼ିବା ପାଇଁ ବାଧ୍ୟ ହେଉଛନ୍ତି ସେ ସମ୍ପର୍କରେ ଅଧ୍ୟକ୍ଷ ଡକ୍ଟର ମିଶ୍ର ବର୍ଣ୍ଣନା କରିଥିଲେ। ଦେଶର ଅର୍ଥନୀତି ବିକାଶ ଜରୁରୀ। କିନ୍ତୁ ଲୋକେ କିପରି କମ ବିସ୍ଥାପିତ ହେବେ ସେଥିପାଇଁ ସରକାର ଗୁରୁତ୍ୱ ଦେବା ଉପରେ ବରିଷ୍ଠ ଅଧ୍ୟାପକ ରମେଶ ଚନ୍ଦ୍ର ପଟ୍ଟନାୟକ ଜୋର ଦେଇଥିଲେ। ବିସ୍ଥାପିତ ହେବା ଦ୍ୱାରା ଲୋକେ କିପରି ନିଜ ଜୀବିକା ହରାଇ ବସନ୍ତି ତା ଉପରେ ଏକ ବିସ୍ତୃତ ଅଭିଭାଷଣ ପ୍ରଦାନ କରିଥିଲେ। ସହର ବିକାଶ ହେବା ଦ୍ୱାରା କିପରି ଲୋକେ ବିସ୍ଥାପିତ କିପରି ହୁଅନ୍ତି, ସରକାରଙ୍କ ବିଭିନ୍ନ ଉନ୍ନୟନ ମୂଳକ ଯୋଜନା ଦ୍ୱାରା ଲୋକେ କିପରି ସବୁ ଦିନ ପାଇଁ ନିଜ ଭିଟାମାଟି ଛାଡ଼ି ଦୁର୍ଦ୍ଦଶାର ଶିକାର ହୁଅନ୍ତି ବୋଲି ବିଭାଗୀୟ ମୁଖ୍ୟ ଡକ୍ଟର ରବିନ୍ଦ୍ର ମିଶ୍ର କହିଥିଲେ। ଦେଶର ବିକାସ ପାଇଁ ଉନ୍ନୟନ ମୂଳକ କାର୍ଯ୍ୟର ନିହାତି ଆବଶ୍ୟକ ବୋଲି ସେ ମତ ଦେଇଥିଲେ। ଶେଷ ବର୍ଷର କିଛି ଛାତ୍ରୀଛାତ୍ର ସନ୍ଦର୍ଭ ପାଠ କରିଥିଲେ। ଏହାପରେ ଶେଷ ବର୍ଷର ଛାତ୍ରୀଛାତ୍ରଙ୍କୁ ଉପହାର ସହ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଶେଷ ବର୍ଷର ଛାତ୍ରୀଛାତ୍ର ବିଭାଗୀୟ ମୁଖ୍ୟଙ୍କୁ ଉପହାର ପ୍ରଦାନ କରିଥିଲେ। ରବୀନ୍ଦ୍ର ମିଶ୍ର ଧନ୍ୟବାଦ ଦେଇଥିଲେ।

# କଟାଯାଉଛି ଶହେ ବର୍ଷର ପୁରୁଣା ଗଛ

ନବରଙ୍ଗପୁର,୨।୩(ସଦାଶିବ ପ୍ରହରାଜ)

**କଟା ଗଛ ସବୁକୁ ଜବତ କଲା ବନ ବିଭାଗ**

ନବରଙ୍ଗପୁର ସହର ମଧ୍ୟ ଭାଗ ତଥା ୨୬ ନମ୍ବର ଜାତୀୟ ରାଜପଥ କଡ଼ ତଥା ଜେଇଏଲ୍‌ସି ଅଞ୍ଚଳ ନିକଟ ଖ୍ରୀଷ୍ଟିଆନ ସମାଧି ପାଖରେ ଥିବା ଶହେ ବର୍ଷର ପୁରୁଣା ମୂଲ୍ୟବାନ ଗଛକୁ ମାଫିଆମାନେ କାଟି ନେଉଛନ୍ତି। ବନ ବିଭାଗ ବିନା ଅନୁମତିରେ ଏହି ଗଛକଟା ଚାଲିଛି। ଶୁକ୍ରବାର ରାତିରେ ଶହେ ବର୍ଷର ପୁରୁଣା ୪ଟି ଶାଳଗଛକୁ କଟାଯାଇଥିଲା। ଶନିବାର ଏ ସମ୍ପର୍କରେ ନବରଙ୍ଗପୁର ବନ ବିଭାଗ ଖବର ପାଇଥିଲା। ନବରଙ୍ଗପୁର ବନାଞ୍ଚଳ ଅଧିକାରୀ ଗୋପୀନାଥ ସାହୁ ଓ ଟିମ୍ ଆସି ସେଠାରେ ଚଢ଼ାଉ କରିଥିଲେ।



ବନ କର୍ମଚାରୀମାନେ ଗଛଗୁଡ଼ିକ ଜବତ କରୁଛନ୍ତି।

ଜେଇଏଲ୍‌ସି ପରିସରରୁ ୪ଟି ଗଛ କଟାଯାଇଛି। ଗଛ କାଟିବା ପାଇଁ ବନ ବିଭାଗର ଅନୁମତି ନିଆଯାଇ ନାହିଁ। ଯେଉଁ ଗଛ କଟାଯାଇଛି ସେଥି ମଧ୍ୟରୁ ୨ଟି ଶାଳ ଓ ୨ ଗୋଟି ଆମଡା ଗଛ ରହିଛି। ୨ଟି ଗଛ ଶହେ ବର୍ଷ ଓ ୨ଟି ଗଛ ୫୦ ବର୍ଷର ପୁରୁଣା ହେବ ବୋଲି ଅନୁମାନ କରାଯାଉଛି। ସମସ୍ତ କଟା ଗଛ ଜବତ ହେବ। ତଦନ୍ତ ପରେ ଏହି ଗଛକୁ ଯିଏ କଟାଇଛନ୍ତି ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବନାଞ୍ଚଳ ଅଧିକାରୀ କହିଛନ୍ତି।

# ନିଜସ୍ୱ ପାଣ୍ଠିରୁ ଆମ୍ବୁଲାନ୍ସ ଦେଲେ ବିଧାୟକ

ଚନ୍ଦାହାଣ୍ଡି, ୨।୩(ଦିଲ୍ଲୀପ ଦାଶ)

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଝରିଗାଁ ବିଧାୟକ ପ୍ରକାଶ ଚନ୍ଦ୍ର ମାଝି ନିଜସ୍ୱ ପାଣ୍ଠିରୁ ଏକ ଆମ୍ବୁଲାନ୍ସ ପ୍ରଦାନ କରିଛନ୍ତି। ଫଳରେ ରୋଗୀଙ୍କୁ ଡାକ୍ତରଖାନା ପହଞ୍ଚାଇବାରେ ବିଶେଷ ସୁବିଧା ହେବ। ଶନିବାର ଚନ୍ଦାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡାକ୍ତର ସନ୍ଦୀପ ଶତପଥୀଙ୍କ ପୌରୋହିତ୍ୟରେ ଏକ କାର୍ଯ୍ୟକ୍ରମ କରାଯାଇଛି। ସେଠାରେ ବିଧାୟକ ବିଧାୟକ ସବୁଜ ପତାକା ଦେଖାଇ ଆମ୍ବୁଲାନ୍ସର ଲୋକାର୍ପିତ କରିଛନ୍ତି। କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ସୁମିତ୍ରା ପୂଜାରୀ, ଧୋଡ଼ିପାଣି ସରପଞ୍ଚ ଦୁର୍ଲଭ ପୂଜାରୀ, ସରପଞ୍ଚ କୃଷ୍ଣ ଜାନି, ସରପଞ୍ଚ ମଥୁରା ପୂଜାରୀ, ସମିତି ସଭ୍ୟ ଟେକରାମ ମାଝି, ପୂର୍ଣ୍ଣଚନ୍ଦ୍ର ସୌରୀ, ନିରୁପମା ଧୁରୁଆ ପ୍ରମୁଖ ଲୋକ ପ୍ରତିନିଧି ଉପସ୍ଥିତ ଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ସିଦ୍ଧାର୍ଥ ପତି, ଦୁର୍ଗାପ୍ରସାଦ ସ୍ୱାଇଁ, ବସନ୍ତ କୁମାର ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାମାଜିକ କର୍ମୀ ଗୌରହରି ନାୟକ, ରଷ୍ଟୁ ବାଘ, ପୁରୁଷୋତ୍ତମ ପାରୀ, ହର ପୂଜାରୀ କିଶୋର ଖମାରି, ତ୍ରିନାଥ ଦାଶ, ଯୁବରାଜ ଜଗତ, ନୀଳାମ୍ବର ଗୌଡ଼ଙ୍କ ସମେତ ସ୍ୱାସ୍ଥ୍ୟ ପରିଦର୍ଶକ ନୀତୀଶ କୁମାର ବ୍ରହ୍ମା, ଆଶୁତୋଷ ଖମାରୀ, ଶାନ୍ତନୁ ମହାପାତ୍ର, ରୁଦ୍ର ପୂଜାରୀ ପ୍ରମୁଖ ଯୋଗଦେଇଥିଲେ। ମେଡିକାଲର ପ୍ରୋଗ୍ରାମ ମ୍ୟାନେଜର ସୁଦୀପ୍ତ କୁମାର ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




ଝରିଗାଁ ବିଧାୟକ ପ୍ରକାଶ ଚନ୍ଦ୍ର ମାଝି ପତାକା ଦେଖାଇ ଆମ୍ବୁଲାନ୍ସ ଶୁଭାରମ୍ଭ କରୁଛନ୍ତି।

# ନବରଙ୍ଗପୁର ଜିଲାର ୭ କ୍ଷୁଦ୍ର ଜଳସେଚନ ପ୍ରକଳ୍ପର ଭିତ୍ତିପ୍ରସ୍ତର

ଝରିଗାଁ,୨।୩(କିଶୋର ଚନ୍ଦ୍ର ମଣ୍ଡଳ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ଆଭାସି ମାଧ୍ୟମରେ ନବରଙ୍ଗପୁର ଜିଲାର ୭ଟି କ୍ଷୁଦ୍ର ଜଳସେଚନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏଗୁଡ଼ିକ ୧୮୪ କୋଟି ୨୭ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ତିଆରି ହେବ। ଉମରକୋଟ ବ୍ଲକରେ ଭାଲୁଘାଟି କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ପୋଡ଼ାଗଡ଼ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ଚନ୍ଦାହାଣ୍ଡି ବ୍ଲକ କରାଡଙ୍ଗରି କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ମାଲଗାଁ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ଫଟକି କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ଝରିଗାଁ ବ୍ଲକ ଚଚା ପଞ୍ଚାୟତ ଗବାଗୁଡ଼ାରେ ସତୀଘାଟ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଓ ନବରଙ୍ଗପୁର କୁର୍ଲୁଘାଟି କ୍ଷୁଦ୍ର ଜଳସେଚନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଚାଷୀମାନେ ଉପକୃତ ହୋଇପାରିବେ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅଭିଭାଷଣରେ କହିଥିଲେ। ସେହିପରି ଶୀଘ୍ର କାର୍ଯ୍ୟ ଶେଷ କରିବାନେଇ ନିଜ ନିଜ ଅଞ୍ଚଳବାସୀ ସହଯୋଗ କରିବା ପାଇଁ- ୫ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ମତ ଦେଇଥିଲେ। ଝରିଗାଁ ବ୍ଲକ ସଦର ମହକୁମା ସ୍ଥିତ ମିନି ଷ୍ଟାଡିୟମରେ ଏକ କାର୍ଯ୍ୟକ୍ରମ କରାଯାଇଛି। ରାଜ୍ୟ ସରକାରଙ୍କ ଚାଷୀମାନଙ୍କ ପ୍ରତି ସହାୟକ ହୋଇଥିବା କହି ଏମ୍ପି ରମେଶ ଚନ୍ଦ୍ର ମାଝି ମୁଖ୍ୟମନ୍ତ୍ରୀ ଏବଂ ୫-ଟି ଅଧ୍ୟକ୍ଷଙ୍କୁ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଝରିଗାଁ ବିଧାୟକ ପ୍ରକାଶ ଚନ୍ଦ୍ର ମାଝି, ରାଜ୍ୟ ଏସ୍‌ଡିସି ଉପଦେଷ୍ଟା ପ୍ରଦୀପ ମାଝି, ଉଠା ଜଳସେଚନ ନିଗମ ଉପଦେଷ୍ଟା ପ୍ରମୋଦ କୁମାର ପାଢ଼ୀ, ଜିଲାପାଳ କମଳ ଲୋଚନ ମିଶ୍ର, ସମସ୍ତ ଜନପ୍ରତିନିଧି, ଝରିଗାଁ ବିଡିଓ ପ୍ରୀତା କୁମାର ପ୍ରମୁଖ ଉପସ୍ଥିତ ଥିଲେ। ଜିଲାପାଳ ଧନ୍ୟବାଦ ଅର୍ପଣ କରିଥିଲେ।



ଝରିଗାଁରେ ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀ, ଲୋକ ପ୍ରତିନିଧି ଓ ଅନ୍ୟମାନେ।

# ବଞ୍ଚିଥାଇ ସୁଦ୍ଧା ସରକାରୀ ତାଲିକାରେ ମୃତ

■ ପଦଲାମଙ୍କ ନାଁ ତାଲିକାରେ ସାମିଲ କରିଛି ବ୍ଲକ ପ୍ରଶାସନ
■ ୮୯ବର୍ଷରେ ବି ମିଳିପାରୁନି ବାର୍ଦ୍ଧକ୍ୟ ଭତ୍ତା

ଦାମନଯୋଡି, ୨।୩ (ମାନସ ରଞ୍ଜନ କର)

ବଞ୍ଚିଥାଇ ମଧ୍ୟ ଏକ ପରିବାରର ଜଣେ ବ୍ୟକ୍ତିଙ୍କୁ ମୃତ ତାଲିକାସ୍ଥ କରିଛି ଜିଲା ପ୍ରଶାସନ। ଫଳରେ ସମସ୍ତ ସରକାରୀ ସୁବିଧାରୁ ସେ ବଞ୍ଚିତ ହେଉଛନ୍ତି। ୮୯ବର୍ଷ ବୟସରେ ମଧ୍ୟ ତାଙ୍କୁ ଭତ୍ତା ମିଳିପାରିନି। ଭଙ୍ଗା ଦଦରା ଘରେ ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ଜୀବନ ଜିଉଁଛନ୍ତି। ଏଭଳି ଦେଖିବାକୁ ମିଳିଛି କୋରାପୁଟ ଜିଲା ସେମିଳିଗୁଡା ବ୍ଲକ ଅଧୀନ ପାକଝୋଲା ପଞ୍ଚାୟତର ମାନିଆ ଗ୍ରାମରେ।

ଗ୍ରାମର ୮୯ବର୍ଷ ବୟସ୍କ ପଦଲାମ ମାଳି ଜୀବିତ ଥାଇ ମଧ୍ୟ ତାଙ୍କୁ ବ୍ଲକ ପ୍ରଶାସନ ମୃତ ଦର୍ଶାଇ ଦୁଇବର୍ଷ ହେଲା ବାର୍ଦ୍ଧକ୍ୟ ଭତ୍ତାରୁ ବଞ୍ଚିତ କରିଛି। ସେହିପରି ତାଙ୍କ ସ୍ତ୍ରୀ ମଇନା ୮୦ ବର୍ଷରେ ପହଞ୍ଚିଥିଲେ ସୁଦ୍ଧା ତାଙ୍କୁ ମଧୁବାବୁ ପେନସନ ଯୋଜନାରେ ସାମିଲ କରାଯାଇନାହିଁ। ବୃଦ୍ଧ ଦମ୍ପତିଙ୍କ କୌଣସି ସନ୍ତାନ ନ ଥିବାରୁ ଦୟନୀୟ ଅବସ୍ଥାରେ କଷ୍ଟରେ ଜୀବନ ବିତାଉଛନ୍ତି। ଘର ଖଣ୍ଡେ ମଧ୍ୟ ସେମାନଙ୍କର ନାହିଁ। ଏକ ଭଙ୍ଗା ଦଦରା ଝୁମ୍ପୁଡିରେ ମୁଣ୍ଡଗୁଞ୍ଜି ଚଳୁଛନ୍ତି ପଦଲାମ ଓ ମଇନା। ବୟସାଧିକ ହେତୁ କୌଣସି କାମ କରିବାକୁ ଯାଇ ପାରୁ ନ ଥିବା ଏହି ଦମ୍ପତି ଓଳିଏ ଖାଇଲେ ଦୁଇଓଳି ଉପାସ ରହୁଥିବା ଦେଖିବାକୁ ମିଳୁଛି। ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାର ଗରିବ ଲୋକଙ୍କ ପାଇଁ ବହୁ ଯୋଜନା କାର୍ଯ୍ୟକାରୀ କରୁଥିଲେ ମଧ୍ୟ ଏହି ଦମ୍ପତିଙ୍କ ନିକଟରେ ଏହାର ସୁଫଳ ପହଞ୍ଚିପାରିନାହିଁ। ଅନ୍ୟପକ୍ଷରେ ଜଣେ ବ୍ୟକ୍ତି ବଞ୍ଚି ଥାଉଥାଉ ତାଙ୍କୁ କିପରି ମୃତ ତାଲିକାଭୁକ୍ତ କରିଛି ବ୍ଲକ ପ୍ରଶାସନ ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଏନେଇ ପାକଝୋଲା ସରପଞ୍ଚ ପଦ୍ମିନୀ ଆଲତିଆଙ୍କୁ ପଚାରିବାରୁ ସେ କହିଲେ, ସେ ସରପଞ୍ଚ ରୂପେ ଦାୟିତ୍ୱ ନେବା ପରେ ତାଙ୍କ ପାଖକୁ ଏଭଳି କିଛି ଅଭିଯୋଗ ଆସିନାହିଁ ଏ ବିଷୟରେ ଅନୁଧ୍ୟାନ କରି ଏହି ପରିବାରକୁ ତୁରନ୍ତ ସରକାରୀ ସୁବିଧା ସବୁ ପ୍ରଦାନ କରାଯିବ ବୋଲି ସେ କହିଛନ୍ତି। ଏ ବିଷୟରେ ସେମିଳିଗୁଡା ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସୁରଭି ଲିମାଙ୍କୁ ପଚାରିବାରୁ ସେ କହିଲେ, କିଏ କାହିଁକି ଭତ୍ତା ପାଉନାହାନ୍ତି ମୁଁ କେମିତି ଜାଣିବି କହି ଏଡାଇ ଯାଇଥିଲେ।


ବୃଦ୍ଧ ଦମ୍ପତି ପଦଲାମ ଓ ମଇନା।

## ସଂକ୍ଷେପରେ

### ନିଳାଗୁଡ଼ା ଜଙ୍ଗଲରେ ଅବକାରୀ ଚଢ଼ାଉ

ଜୟପୁର, ୨।୩ (ପବନ ପାଣିଗ୍ରାହୀ)– ଜୟପୁର ବ୍ଲକ ଅନ୍ତର୍ଗତ ନିଳାଗୁଡ଼ା ଜଙ୍ଗଲରେ ଅବକାରୀ ନିରୀକ୍ଷକ କାର୍ଯ୍ୟାଳୟ ପକ୍ଷରୁ ଶନିବାର ଚଢ଼ାଉ କରାଯାଇଛି । ମଦ ବ୍ୟବସାୟୀମାନେ ଦେଶୀ ମଦ ପ୍ରସ୍ତୁତ କରିବା ସହ ଚୋରାଚାଲାଣ ପାଇଁ ଲୁଚାଇ ରଖିଥିବା ସୂଚନା ପାଇ ବିଭାଗୀୟ କର୍ମଚାରୀମାନେ ଚଢାଉ କରିଥିଲେ। ତେବେ ଏନେଇ ଆଗୁଆ ସୂଚନା ପାଇ ବ୍ୟବସାୟୀମାନେ ଫେରାର ହୋଇଯାଇଥିଲେ। ଘଟଣା ସ୍ଥଳରୁ ୧୪ ଶହ ଲିଟର ପୋଚ ଓ ୮୦ ଲିଟର ଦେଶୀ ମଦ ଜବତ କରି ନଷ୍ଟ କରି କର୍ମଚାରୀମାନେ ଫେରିଥିବା ଛି। ଅବକାରୀ ନିରୀକ୍ଷକ ଶଶୀକାନ୍ତ ଦତ୍ତ କହିଛନ୍ତି।

### ଜୁଆ ଆଡ୍ଡା ଉପରେ ଚଢ଼ାଉ



ଜୟପୁର, ୨।୩ (ପବନ ପାଣିଗ୍ରାହୀ)
ଜୟପୁର ସଦର ଥାନା ଅନ୍ତର୍ଗତ ବାଗ୍ରାଗୁଡ଼ା ଗ୍ରାମରେ ଜୁଆ ଆଡ୍ଡା ଚାଲୁଥିବା ଖବରପାଇ ପୋଲିସ ଚଢାଉ କରିଛି । ଖେଳ ସ୍ଥାନରୁ ୫ଜଣଙ୍କୁ ଗିରଫ କରାଯାଇଛି। ସେମାନଙ୍କ ଠାରୁ ୩୬ ହଜାର ଟଙ୍କା ଓ ୧୦୬ ତାସ କାର୍ଡ ଜବତ ହୋଇଥିବା ଥାନା ଅଧିକାରୀ ଈଶ୍ୱର ତାଣ୍ଡି କହିଛନ୍ତି ।

### ନାମଯଜ୍ଞ କାର୍ଯ୍ୟକ୍ରମ

ନନ୍ଦପୁର, ୨।୩ (ଶଙ୍କର ପୂଜାରୀ)
ନନ୍ଦପୁର ଉପଖଣ୍ଡ ପାଡୁଆ ଥାନା ପରିସରରେ ଥିବା ତ୍ରିନାଥ ମନ୍ଦିରରେ ୪ ପ୍ରହର ନାମଯଜ୍ଞ ଶନିବାର ଆରମ୍ଭ ହୋଇଛି। ଏପରି କାର୍ଯ୍ୟକ୍ରମ କରାଯାଇ ପୋଲିସ–ଜନସାଧାରଣଙ୍କ ମଧ୍ୟରେ ସୁସମ୍ପର୍କ ସ୍ଥାପନ କରିବାକୁ ଚେଷ୍ଟା କରାଯାଉଥିବା ଥାନା ଅଧିକାରୀ ଅଶୋକ ବିଶୋୟୀ କହିଛନ୍ତି। ଏଥିରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁମାନେ ଯୋଗ ଦେଇଥିଲେ।

### ବଣ୍ଡାଗୁଡା ଗ୍ରାମରେ ଡ଼ଙ୍ଗର ଯାତ୍ରା

କୋରାପୁଟ, ୨।୩, (ଅମିତାଭ ବେହେରା)
କୋରାପୁଟ ବ୍ଲକ ଅଞ୍ଚଳରେ ଏବେ ବିଭିନ୍ନ ଗ୍ରାମରେ ପାରମ୍ପରିକ ଡ଼ଙ୍ଗର ଯାତ୍ରା ପାଳନ କରାଯାଉଛି। କୋରାପୁଟ ସଦର ବ୍ଲକ ମହ୍ରିପୁଟ ପଞ୍ଚାୟତ ବଣ୍ଡାଗୁଡା ଗ୍ରାମରେ ପାରମ୍ପରିକ ଡଙ୍ଗର ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଯାତ୍ରାରେ ମହ୍ରିପୁଟ ପଞ୍ଚାୟତର ବଣ୍ଡାଗୁଡା ଗ୍ରାମ ସମେତ ଆଖପାଖ ୨୩ଟି ଗ୍ରାମର ବହୁ ଗ୍ରାମବାସୀ ସାମିଲ ହୋଇଥିଲେ। ସାମାଜିକ କର୍ମୀ ଡମ୍ବରୁ ନାଏକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସରକାରଙ୍କ ମମତା ଯୋଜନା, ଲକ୍ଷ୍ମୀ ଯୋଜନା, ବିଭିନ୍ନ ଭତ୍ତା ବୃଦ୍ଧି, ନୂଆ ଓ ନବୀନ ଓଡ଼ିଶା, ଛାତ୍ରୀଛାତ୍ରଙ୍କୁ ଉଚ୍ଚ ଶିକ୍ଷା ନିମନ୍ତେ ଆର୍ଥିକ ସହାୟତା ଆଦି ବହୁ କଲ୍ୟାଣମୂଳକ ଯୋଜନା ସମ୍ପର୍କରେ ଗ୍ରାମବାସୀଙ୍କୁ ଅବଗତ କରାଇଥିଲେ।

### ଦଶମ ପରୀକ୍ଷାର୍ଥୀଙ୍କ ଆତ୍ମହତ୍ୟାର କାରଣ ଖୋଜୁଛି ପୋଲିସ

ପଟ୍ଟାଙ୍ଗି, ୨।୩(ଶରତ ଧଳ)
ନିକଟରେ ସରିଆନ୍ତା ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷା। ଏହା ପୂର୍ବରୁ ଜଣେ ପରୀକ୍ଷାର୍ଥୀ ଜୀବନର ହାରିଛନ୍ତି। ଏହାକୁ ନେଇ ବିଭିନ୍ନ ମତ ପ୍ରକାଶ ପାଉଥିବା ବେଳେ ପୋଲିସ ପାଇଁ ଚିନ୍ତାର କାରଣ ହୋଇଛି। କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ଅନ୍ତର୍ଗତ ଚନ୍ଦକା ଗ୍ରାମରେ ଏପରି ଘଟଣା ଘଟିଛି। ଗ୍ରାମର ବିଶ୍ୱନାଥ ବାଙ୍କାଙ୍କ ଝିଅ ଆରତି ନିଜ ଗ୍ରାମରେ ଥିବା ବିଦ୍ୟାଳୟରେ ଦଶମ ଶ୍ରେଣୀ ପାଠ ପଢୁଥିବା ବେଳେ ସୁଙ୍କି ହାଇସ୍କୁଲରେ ସେ ବୋର୍ଡ ପରୀକ୍ଷା ଦେଉଥିଲେ। ଆସନ୍ତା ୪ରେ ବୋର୍ଡ ପରୀକ୍ଷା ସରିବାକୁ ଥିବା ବେଳେ ଏହା ପୂର୍ବରୁ ଝିଅ କେଉଁ କାରଣ ପାଇଁ ଆତ୍ମହତ୍ୟା କଲା ଆମେ କେହି ଜାଣିନାହୁଁ ବୋଲି ପରିବାର ଲୋକେ କହିଛନ୍ତି। ଅନ୍ୟପକ୍ଷରେ ଦେଓପଟ୍ଟାଙ୍ଗିରେ ରହୁଥିବା ଆରତିଙ୍କ ପିଉସୀ ପୁଅ ମହେଶ ଖେମୁଣ୍ଡୁ ଭୁବନେଶ୍ୱରରେ ଏକ ଘରୋଇ ବିଦ୍ୟାଳୟରେ ପାଠ ପଢୁଥିବା ବେଳେ ସୋମବାର ସେ କୌଣସି କାରଣରୁ ରହୁଥିବା ହଷ୍ଟେଲ୍ ଗୃହରେ ଆତ୍ମହତ୍ୟା କରିଥିଲେ। ଏହାର ୪ଦିନ ପରେ ଆରତି ଘରେ କେହି ନ ଥିବା ବେଳେ ବେକରେ ନିଜ ଓଢଣି ବାନ୍ଧି ଆତ୍ମହତ୍ୟା କରିବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଖବର ପାଇ ଥାନାଧିକାରୀ ଚତୁର୍ଭୁଜ ନାୟକଙ୍କ ନିର୍ଦ୍ଦେଶରେ ଏସଆଇ ପ୍ରଦିପ୍ତ ମହାପାତ୍ର, ଏସଆଇ କୁଞ୍ଜଲତା ବେହେରା, ଏଏସଆଇ ନରସିଂହ ଦୋରା ଏଏସ୍‌ଆଇ ମାଧବ ତାଡିଙ୍ଗି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ଜଣାପଡିଛି। ପୋଲିସ ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଆତ୍ମହତ୍ୟାର କାରଣ ଖୋଜୁଛି।

# ପାନୀୟ ଜଳ, ବିଦ୍ୟୁତ୍ ନିରବଚ୍ଛିନ୍ନ ଯୋଗାଣ ଉପରେ ଗୁରୁତ୍ୱ


ବୈଠକରେ ଉପସ୍ଥିତ ବିଭିନ୍ନ ଅଧିକାରୀ, ବିଡିଓ ଏବଂ ତହସିଲଦାରମାନେ।

## ଗ୍ରୀଷ୍ମ ପ୍ରଭାବ, ଅଂଶୁଘାତ ମୁକାବିଲା ନେଇ ପ୍ରସ୍ତୁତି ବୈଠକ

■ ଖରାରେ କାମ କରିବା, ଗାଡ଼ି ଚଳାଇବା ମନା
■ ଜୀବଜନ୍ତୁ ଓ ଜଙ୍ଗଲ ସୁରକ୍ଷା ସମ୍ପର୍କରେ ଆଲୋଚନା
■ ଓଆର୍‌ଏସ୍, ଔଷଧ ମହଜୁଦ ରଖିବାକୁ ପରାମର୍ଶ

କୋରାପୁଟ, ୨।୩(ଅମିତାଭ ବେହେରା)
ଜିଲା ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ପ୍ରାଙ୍ଗଣ ଅଡିଟୋରିୟମ୍ ହଲ୍‌ରେ ଜିଲାପାଳ ଭି. କୀର୍ତ୍ତି ଭାସନଙ୍କ ଅଧ୍ୟକ୍ଷତାରେ ଗ୍ରୀଷ୍ମ ପ୍ରବାହଜନିତ ପରିସ୍ଥିତିରେ ସଠିକ ମୁକାବିଲା ନେଇ ଏକ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ପାନୀୟ ଜଳ, ବିଦ୍ୟୁତ, ସ୍ୱାସ୍ଥ୍ୟସେବା, ଅଗ୍ନିଶମ ସେବା, ବିଦ୍ୟାଳୟ, ପରିବହନ, ପ୍ରାଣୀ ସମ୍ପଦ ସହ ଅନ୍ୟାନ୍ୟ ବିଭାଗର ପଦକ୍ଷେପ ଉପରେ ବିସ୍ତୃତ ସମୀକ୍ଷା କରିଥିଲେ ଜିଲାପାଳ। ଗ୍ରାମାଞ୍ଚଳରେ ପାନୀୟଜଳ ସମ୍ପର୍କିତ ଅଭିଯୋଗ ପାଇବାର ୨୪ ଘଣ୍ଟା ମଧ୍ୟରେ ନଳକୂଅ କାର୍ଯ୍ୟକ୍ଷମ କରିବା, ଯେଉଁଠି ନଳକୂପର ବ୍ୟବସ୍ଥା ହୋଇପାରୁନାହିଁ ସେହି ଅଞ୍ଚଳରେ ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ସେଭଳି ପଞ୍ଚାୟତ, ଏନ୍‌ଏସି, ପୌର ପରିଷଦ ଏବଂ ସମସ୍ତ ବିଡିଓ ଜନଗହଳି ଅଞ୍ଚଳରେ ଜଳଛତ୍ର ଖୋଲିବା, ପିଏଚ୍‌ସି ସିଏଚ୍‌ସି, ଉପଖଣ୍ଡ ଓ ସଦର ଡାକ୍ତରଖାନାରେ ଅଂଶୁଘାତ ରୋଗୀଙ୍କ ଚିକିତ୍ସା ପାଇଁ ଶୀତତାପ ନିୟନ୍ତ୍ରିତ କୋଠରି ବ୍ୟବସ୍ଥା, ଯଥେଷ୍ଟ ପରିମାଣର ଓଆର୍‌ଏସ୍ ଏବଂ ଆବଶ୍ୟକ ଔଷଧ ମହଜୁଦ ରଖିବା ପାଇଁ ସିଡିଏମ୍‌ଓଙ୍କୁ କୁହାଯାଇଥିଲା। ଶ୍ରମିକମାନେ ଯେପରି ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଖରାରେ କାର୍ଯ୍ୟ ନ କରନ୍ତି ତାହା ଦେଖିବାକୁ ଜିଲା ଶ୍ରମ ଅଧିକାରୀଙ୍କୁ ସେ ନିର୍ଦ୍ଦେଶ ଦେଇଥିଲେ। ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ଉପରେ ଧ୍ୟାନଦେବାକୁ ଟିପିଏସ୍‌ଓଡିଏଲ୍‌ର ନିର୍ବାହୀଯନ୍ତ୍ରୀଙ୍କୁ ଅବଗତ କରାଯାଇଥିଲା। ସେଭଳି ସମସ୍ତ ଯାତ୍ରୀବାହୀ ବସ୍ ଦିନ ୧୨ଟାରୁ ୩ଟା ପର୍ଯ୍ୟନ୍ତ ରାସ୍ତାରେ ଯାତାୟାତ ନ କରିବାକୁ ବୈଠକରେ ନିଷ୍ପତ୍ତି ହୋଇଛି। ଅଂଶୁଘାତ ସୂଚନା ପାଇଁ ଜିଲାରେ ଏକ ନିୟନ୍ତ୍ରଣ କକ୍ଷ ଖୋଲାଯାଇଛି । ଜୀବଜନ୍ତୁଙ୍କ ସୁରକ୍ଷା ଓ ଜଙ୍ଗଲ ସୁରକ୍ଷା ସମ୍ପର୍କରେ ଆଲୋଚନା ହୋଇଥିଲା। ବୈଠକକୁ ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମାଝି ପରିଚାଳନା କରିଥିଲେ। ଜିଲା ଜରୁରିକାଳୀନ ଅଧିକାରୀ ଜ୍ଞାନଜୀତ ତ୍ରିପାଠୀ, ଜିଲା ଶିକ୍ଷା ଅଧିକାରୀ, ଜିଲା କଲ୍ୟାଣ ଅଧିକାରୀ, ବିଭିନ୍ନ ବ୍ଲକ ଏବଂ ତହସିଲର ବିଡିଓ ଓ ତହସିଲଦାର, ଓଡ୍ରାଫ, ଅଗ୍ନିଶମ ଅଧିକାରୀ, ଏବଂ ସ୍ୱେଚ୍ଛାସେବୀ ସଙ୍ଗଠନର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ଅବନିକାନ୍ତ ଭୂୟାଁ ଧନ୍ୟବାଦ ଦେଇଥିଲେ।

# ନିର୍ଯାତନା ନେଇ ଅଭିଯୋଗ, ସ୍ୱାମୀ ଗିରଫ

ସୁନାବେଡା, ୨।୩(କୃତ୍ତିବାସ ପ୍ରଧାନ)
ସୁନାବେଡା ଥାନା ଅଧୀନ ମିନାରାଓ କଲୋନୀର ନାଗେଶ ଖରାଙ୍କ ବିରୋଧରେ ତାଙ୍କ ସ୍ତ୍ରୀ ପ୍ରିୟଙ୍କା ଭତ୍ରା ଯୌତୁକ ନିର୍ଯାତନା ଅଭିଯୋଗ ଆଣିଛନ୍ତି। ପ୍ରିୟଙ୍କା ୬ବର୍ଷ ତଳେ ନାଗେଶଙ୍କୁ ବିବାହ କରିଥିଲେ। ତାଙ୍କର ୨ଟି ସନ୍ତାନ ମଧ୍ୟ ରହିଛି ଦରହିଛନ୍ତି। ମାତ୍ର ନାଗେଶ ସବୁବେଳେ ଯୌତୁକ ଦାବି କରି ପ୍ରିଙ୍କାଙ୍କୁ ମାନସିକ ନିର୍ଯାତନା ଦେଇ ଆସୁଥିଲେ। ଗତ ୨୪ରେ ନାଗେଶ ତାଙ୍କ ତଣ୍ଟି ଚିପି ମାରି ଦେବାକୁ ଉଦ୍ୟମ କରିଥିଲେ। ଯେଉଁଥିରେ ସେ ଗୁରୁତର ହୋଇଥିଲେ। ତାଙ୍କ ମା’ କୋରାପୁଟ ମେଡିକାଲରେ ତାଙ୍କୁ ଚିକିତ୍ସା ନିମନ୍ତେ ଭର୍ତ୍ତି କରିଥିଲେ। ତେବେ ୨୫ରେ ନାଗେଶ ଆଉ ଜଣେ ମହିଳାଙ୍କୁ ବିବାହ କରିଥିଲେ ବୋଲି ପ୍ରିୟଙ୍କା ଏତଲାରେ ଉଲ୍ଲେଖ କରିଛନ୍ତି। ଏନେଇ ସୁନାବେଡା ଥାନାରେ କେସ୍ ନଂ .୫୦/୨୪ରେ ମାମଲା ରୁଜୁ ହୋଇ ତଦନ୍ତ ପରେ ନାଗେଶଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ସତ୍ୟାନନ୍ଦ ପାତ୍ର କହଛନ୍ତି।

# ଏସଡିସି କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଯାପିତ : ପଟ୍ଟାଙ୍ଗି ଚାମ୍ପିୟନ

ପଟ୍ଟାଙ୍ଗି, ୨।୩(ଶରତ ଧଳ)
କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ସଦର ମହକୁମା ମିନି ଷ୍ଟାଡିୟମରେ ଚାଲିଥିବା ଏସଡିସି କ୍ରିକେଟ୍ ଟୁର୍ନାମେଣ୍ଟ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ପଟ୍ଟାଙ୍ଗି ଚାମ୍ପିୟନ ହୋଇଛି। ପଟ୍ଟାଙ୍ଗି ସହ ସୁଙ୍କି ମଧ୍ୟରେ ଫାଇନାଲ ମ୍ୟାଚ ହୋଇଥିଲା। ପ୍ରଥମେ ବ୍ୟାଟିଂ କରି ସୁଙ୍କି ଦଳ ୬ଓଭରରେ ୪୭ ରନ୍ କରିଥିଲା। ପରେ ବ୍ୟାଟିଂ କରି ପଟ୍ଟାଙ୍ଗି ଦଳ ୦ ୫ଓଭରରେ ୪୮ ରନ୍ କରି ଚାମ୍ପିୟନ ଘୋଷିତ ହୋଇଥିଲା। ବ୍ଲକ ପ୍ରଶାସନ ଓ ବ୍ଲକ ମଙ୍ଗଳ ସମ୍ପ୍ରସାରଣ ବିଭାଗ ମିଳିତ ସହଯୋଗରେ ଗତ ତିନିଦିନ ଧରି ଚାଲିଥିବା ଏହି ଟୁର୍ନାମେଣ୍ଟରେ ୧୪ଟି ପଞ୍ଚାୟତରୁ ବିଭିନ୍ନ ଦଳ ଅଂଶଗ୍ରହଣ କରିଥିଲେ। ୪ଟି ଦଳ ସେମି ଫାଇନାଲରେ ପ୍ରବେଶ କରିଥିଲେ। ପ୍ରଥମ ସେମି ଫାଇନାଲ୍ ପଟ୍ଟାଙ୍ଗି ସହ ଗାଙ୍ଗରାଜପୁର ମଧ୍ୟରେ ହୋଇଥିଲା। ଏଥିରେ ଗାଙ୍ଗରାଜପୁରକୁ ପରାସ୍ତ କରି ପଟ୍ଟାଙ୍ଗି ଫାଇନାଲରେ ପ୍ରବେଶ କରିଥିଲା। ସେହିପରି ଦ୍ୱିତୀୟ ସେମି ଫାଇନାଲ ସୁଙ୍କି ସହ ଦେଓପଟ୍ଟାଙ୍ଗି ମଧ୍ୟରେ ହୋଇଥିଲା। ଏଥିରେ ଦେଓପଟ୍ଟାଙ୍ଗି ହରାଇ ସୁଙ୍କି ଫାଇନାଲକୁ ଉନ୍ନୀତ ହୋଇଥିଲା। ଶେଷରେ ଶନିବାର ପଟ୍ଟାଙ୍ଗି ଓ ସୁଙ୍କି ମଧ୍ୟରେ ଫାଇନାଲ ମ୍ୟାଚ ହୋଇ ପଟ୍ଟାଙ୍ଗି ବିଜୟୀ ହୋଇଛି। ପୁରସ୍କାର ବତରଣୀ ଉତ୍ସବରେ ବିଧାୟକ ପିତମ ପାଢ଼ୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ପୁରସ୍କୃତ କରିଥିଲେ। ଏପରି ଟୁର୍ନାମେଣ୍ଟ ଗ୍ରାମାଞ୍ଚଳରେ ଭାଇଚାରା ସୃଷ୍ଟିରେ ସହାୟକ ହେବ ବୋଲି ସେ କହିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ ପ୍ରଫୁଲ୍ଲ କୁମାର ପାଙ୍ଗି, ବ୍ଲକ ଅଧ୍ୟକ୍ଷା କଳ୍ପନା ପାଙ୍ଗି, ଜୋନ–୧ ଜିଲା ପରିଷଦ ସଭ୍ୟା ଟିକାଇ ଗେମେଲ, ଗାଙ୍ଗରାଜପୁରର ପୂର୍ବତନ ସରପଞ୍ଚ ପାଣ୍ଡି ବଲୁ , ଲ୍ୟାମ୍ପ ସଭାପତି ଚିକୁଣ୍ଠ ପାଙ୍ଗି ପ୍ରମୁଖ ଉପସ୍ଥିତ ଥିଲେ। ମଙ୍ଗଳ ସମ୍ପ୍ରସାରଣ ବିଭାଗର ସନ୍ତୋଷ ଚୌଧୁରୀ, ଶିକ୍ଷକ ସୁଧୀର ଗୁଣ୍ଠା, ଯଦୁନାଥ ଗୁଣ୍ଠା, ନାରାୟଣ ମାଝୀ ଟୁର୍ଣ୍ଣାମେଣ୍ଟ ପରିଚାଳନା କରିଥିଲେ।

# ଜୈବିକ ପଦ୍ଧତିରେ ଅଦା, ହଳଦୀ ଚାଷ ନେଇ ତାଲିମ ଶିବିର

ପଟ୍ଟାଙ୍ଗି, ୨।୩(ଶରତ ଧଳ)– ଚାଷୀ କିପରି ଜୈବିକ ପ୍ରଣାଳୀରେ ଚାଷକରି ଲାଭ ପାଇପାରିବେ ସେନେଇ ଏକ ଦିନିକିଆ ତାଲିମ ଶିବିର ଶନିବାର ଅନୁଷ୍ଠିତ ହୋଇଯାଇଛି। କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକସ୍ଥିତ ଉଚ୍ଚପଉନ ଗବେଷଣା କେନ୍ଦ୍ର ପରିସରରେ ଆୟୋଜିତ ଏହି ଶିବିରରେ ମୁଖ୍ୟ ବୈଜ୍ଞାନିକ ପର୍ଶୁରାମ ଶିଅଳ ସଭାପତିତ୍ୱ କରିଥିଲେ। ଜୈବିକ ପଦ୍ଧତିରେ ଅଦା ଓ ହଳଦୀ ଚାଷ ସମ୍ପର୍କରେ ବୈଜ୍ଞାନିକ ଶିଅଳଙ୍କ ସମେତ ସିକେ ଥଙ୍କମଣି ଓ ମିହିର ରଞ୍ଜନ ମହାନ୍ତି ତାଲିମ ଦେଇଥିଲେ। ଅଦା ଚାଷ ପାଇଁ ଆବଶ୍ୟକ ପଡୁଥିବା ବିହନ ମଧ୍ୟରୁ ସୁରଚି ଓ ସୁପ୍ରଭା ସମ୍ପର୍କରେ ଉପସ୍ଥିତ ଚାଷୀଙ୍କୁ ବୁଝାଇଥିଲେ। ନିଗଡା, ମଟାଳ, ଦୋରସା, ବାଲିଆ ଦୋରସା, ପାହାଡିଆ ନାଲି ଫସଫସିଆ ଓ ଉର୍ବର ମାଟିରେ ଅଦା ଚାଷ ଭଲ ହୋଇଥାଏ ବୋଲି ଅତିଥିମାନେ କହିଥିଲେ। ପ୍ରତିବର୍ଷ ଗୋଟିଏ ଜମିରେ ଅଦା ଚାଷ ନ କରି ଫସଲ ପର୍ଯ୍ୟାୟ ଅବଲମ୍ବନ କରିବା ଉଚିତ ବୋଲି ଚାଷୀଙ୍କୁ ବୁଝାଇଥିଲେ। ଶିବିରରେ ଉପସ୍ଥିତ ଅନ୍ୟତମ ତାଲିମଦାତା ସେମିଳିଗୁଡା ଅତିରିକ୍ତ କୃଷି ନିର୍ଦ୍ଦେଶକ (ମୃତ୍ତିକା) ଶୁଭଶ୍ରୀ ବନ୍ଧିତା, ସେମିଳିଗୁଡା ସହାୟକ କୃଷି ଅଧିକାରୀ ବିଷ୍ଣୁପଦ ସେଠୀ, ସହଯୋଗୀ ଉଦ୍ୟାନ କୃଷି ଅଧିକାରୀ ରାନୁରାଣୀ ସାହୁ ଏବଂ ସ୍ଥାନୀୟ ସହକାରୀ କୃଷି ଅଧିକାରୀ ଅଭିମନ୍ୟୁ ସ୍ୱାଇଁ ହଳଦୀ ଚାଷରେ ଚାଷୀ କିପରି ଲାଭବାନ ହୋଇ ପାରିବେ ସେନେଇ ବୁଝାଇଥିଲେ। ଏଥିପାଇଁ ରୋମା, ସୁରମା, ରଶ୍ମୀ, ରଙ୍ଗ ପ୍ରମୁଖ କିଷମ ବିହନ ଉତ୍ତମ ହୋଇଥିବା ଓ ନିଗିଡା, ମଟାଳ, ଦୋରସା, ବାଲିଆ ଦୋରସା, ପାହାଡି ନାଲି ଫସଫସିଆ ଓ ଉର୍ବର ମାଟିରେ ହଳଦୀ ଭଲ ହୋଇଥାଏ ବୋଲି କହିଥିଲେ। କାର୍ଯ୍ୟକ୍ରମକୁ ଉଚ୍ଚ ପଉନ ଗବେଷଣା କେନ୍ଦ୍ରର କର୍ମଚାରୀମାନେ ପରିଚାଳନା କରିଥିଲେ।

### ପୌରାଞ୍ଚଳରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ

ଜୟପୁର, ୨।୩ (ପବନ ପାଣିଗ୍ରାହୀ)
ଜୟପୁର ପୌରାଞ୍ଚଳରେ ଆମ ଓଡିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଶନିବାର ଉଦ୍‌ଯାପିତ ହୋଇଛି। ପୌରାଞ୍ଚଳର ଜମାଲ କୋଲନୀରେ ଏହି କାର୍ଯ୍ୟକ୍ରମ ହେଉଥିଲା। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପିଡି ଦେବୀ ପ୍ରସାଦ ତାଲି, ପୌରାଧକ୍ଷ ନରେନ୍ଦ୍ର ମହାନ୍ତି, ଉପାଧକ୍ଷ ବି. ସୁନିତା ଏବଂ କାଉନସିଲରମାନେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଜୟପୁର ସହରରେ ଥିବା ବସ୍ତି ଅଞ୍ଚଳରେ ଲୋକଙ୍କୁ ସଚେତନ କରାଯାଇଛି ।

### ବାଲ୍ ବାଟିକା ପାଇଁ କର୍ମଶାଳା

ଜୟପୁର, ୨।୩(ପବନ ପାଣିଗ୍ରାହୀ)
କୋରାପୁଟ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ପକ୍ଷରୁ ୪ ଦିନିଆ ବାଲ୍‌ବାଟିକା ନିମନ୍ତେ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଅଧ୍ୟକ୍ଷ ରୂପଚନ୍ଦ୍ର ସୋରେନଙ୍କ ତତ୍ତ୍ୱାବଧାନରେ ହୋଇଥିବା କାର୍ଯ୍ୟକ୍ରମରେ ସଂଯୋଜକ ରୂପେ ସୁଶାନ୍ତ ଜେନା ତଦାରଖ କରିଥିଲେ। ଏହି କର୍ମଶାଳାରେ କୋରାପୁଟ ଜିଲାର ୧୪ଟି ବ୍ଲକରୁ ୪୨ ଜଣ ସମ୍ବଳ ଶିକ୍ଷକ ଯୋଗ ଦେଇଥିଲେ। ପ୍ରତିଷ୍ଠାନର ଶିକ୍ଷକ ପ୍ରଶିକ୍ଷକ ବ୍ରାହ୍ମଦେବ ଗୁନ୍ଥୁ, ଗାୟତ୍ରୀ ବଇଠାରୁ, ଉମାକାନ୍ତି ବାଇପାଇ, ଶୁଭସ୍ମିତା ଦାସ ସାଧନ କର୍ମୀ ଭାବେ ସହଯୋଗ କରିଥିଲେ।

# ସହକାରୀ ବନ ସଂରକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା


ବିଦାୟ ସମ୍ବର୍ଦ୍ଧନା ସଭାରେ ଜଗନ୍ନାଥ ପ୍ରସାଦ ବିଶୋଇ ଓ ଅନ୍ୟମାନେ ।

ମାଲକାନଗିରି, ୨।୩(ଦୁର୍ଯ୍ୟୋଧନ ପାତ୍ର)
ମାଲକାନଗିରି ବନାଞ୍ଚଳ ଅଧିକାରୀ ଭାବେ ଦୀର୍ଘ ୩ ବର୍ଷ ଧରି କାର୍ଯ୍ୟ କରୁଥିବା ଜଗନ୍ନାଥ ପ୍ରସାଦ ବିଶୋଇ ଗତ ମାସରେ ସହକାରୀ ବନ ସଂରକ୍ଷକ ପଦୋନ୍ନତି ପାଇ ସୁନ୍ଦରଗଡ ଜିଲା ବଣାଇ ବନଖଣ୍ଡକୁ ବଦଳି ହୋଇଥିଲେ। ବିଶୋଇ ମାଲକାନଗିରି ଜିଲାରେ କାର୍ଯ୍ୟକାଳ ମଧ୍ୟରେ ବାଲିମେଳା ଓ କାଲିମେଳା ବନାଞ୍ଚଳ ଅଧିକାରୀ ଭାବେ କିଛି ମାସ ଦକ୍ଷତାର ସହ କାର୍ଯ୍ୟ କରିଥିଲେ । ବିଶୋଇ ରାଜ୍ୟ ସରକାରଙ୍କଠାରୁ ଅନେକ ପୁରସ୍କାର ପାଇଛନ୍ତି। ମାଲକାନଗିରି ବନାଞ୍ଚଳ ତରଫରୁ ଆୟୋଜିତ ବିଦାୟକାଳୀନ ସମ୍ବର୍ଦ୍ଧନା ସଭାରେ ଡିଏଫ୍‌ଓ ପ୍ରତାପ କତାପାଲ୍ଲୀ, ସହକାରୀ ବନ ସଂରକ୍ଷକ ଲିଲି ଅମାନତ, ମାଥିଲି ବନାଞ୍ଚଳ ଅଧିକାରୀ ବାସୁଦେବ ନାୟକ, ଚିତ୍ରକୋଣ୍ଡା ବନାଞ୍ଚଳ ଅଧିକାରୀ ବଳରାମ ନାୟକ, ମୋଟୁ ବନାଞ୍ଚଳ ଅଧିକାରୀ ରଶ୍ମି ରଞ୍ଜନ ସ୍ୱାଇଁ, କାଲିମେଳା ବନାଞ୍ଚଳ ଅଧିକାରୀ ଟଙ୍କଧର ଦାସ, ବାଲିମେଳା ବନାଞ୍ଚଳ ଅଧିକାରୀ ଲିପ୍ସିତା କଅଁର ଏହି ସମ୍ବର୍ଦ୍ଧନା ଉତ୍ସବରେ ଯୋଗଦେଇ ବିଶୋଇଙ୍କ କାର୍ଯ୍ୟ ଦକ୍ଷତାର ପ୍ରସଂଶା କରିଥିଲେ। ଡିଏଫ୍‌ଓ କତାପାଲୀ ବିଶୋଇ ପଦୋନ୍ନତୀ ପାଇଥିବାରୁ ଖୁସିବ୍ୟକ୍ତ କରିବା ସହ ଜିଲାର ଜଣେ ଦକ୍ଷ ବନାଞ୍ଚଳ ଅଧିକାରୀଥିଲେ ବୋଲି କହିଥିଲେ। ତାଙ୍କ ସ୍ଥାନରେ ଭାରପ୍ରାପ୍ତ ବନାଞ୍ଚଳ ଅଧିକାରୀ ଭାବେ ଉପ ବନାଞ୍ଚଳ ଅଧିକାରୀ ବାଣିଶ୍ରୀ ମନସ୍ୱିନି ଦେବୀଙ୍କୁ କାର୍ଯ୍ୟ ଭାର ଦିଆଯାଇଛି । ୫ ରେଞ୍ଜର ବନାଞ୍ଚଳ ଅଧିକାରୀ ବିଶୋଇଙ୍କୁ ଉତ୍ତରୀୟ ଓ ଉପହାର ଦେଇ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମରେ ଜିଲାର ସମସ୍ତ ବନ କର୍ମଚାରୀ ଯୋଗଦେଇଥିଲେ। ମାଲକାନଗିରି ବନପାଳ ଦେବାଶିଷ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ୧ ଲକ୍ଷ ୬୯ ହଜାର ପିଲାଙ୍କୁ ପୋଲିଓ ବୁନ୍ଦା

■ ପଲସ ପୋଲିଓ କାର୍ଯ୍ୟକ୍ରମ ଆଜି
■ ଜିଲାରେ ହୋଇଛି ୧୫୯୦ ବୁଥ

କୋରାପୁଟ, ୨।୩(ଅମିତାଭ ବେହେରା)
ଦେଶରେ ରବିବାର ପଲସ ପୋଲିଓ ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଏହି ପୋଲିଓ ବୁନ୍ଦାକୁ ଶତପ୍ରତିଶତ ସଫଳ କରିବାକୁ ନେଇ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଥିବା ଭାରପ୍ରାପ୍ତ ଜିଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସୁଶାନ୍ତ ଦାସ ଶନିବାର କହିଛନ୍ତି। କୋରାପୁଟ ଜିଲାରେ ଏହି ଅଭିଯାନକୁ ସଫଳ କରିବାକୁ ୧୫୯୦ଟି ବୁଥ କରାଯାଇଛି। ଏଥିପାଇଁ ୩ହଜାର ୧୮୦ ଜଣ ସ୍ୱାସ୍ଥ୍ୟ କର୍ମଚାରୀ ସାମିଲ କରାଯାଇଛି । କୋରାପୁଟ ଜିଲାର ୧ଲକ୍ଷ ୬୯ ହଜାର ଜନ୍ମରୁ ୫ ବର୍ଷ ଯାଏ ପିଲାଙ୍କୁ ପୋଲିଓ ବୁନ୍ଦା ପ୍ରଦାନ କରାଯିବାକୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଲକ୍ଷ୍ୟ ରଖାଯାଇଥିବା ଭାରପ୍ରାପ୍ତ ସିଡିଏମଓ ଡାକ୍ତର ଏସ.ଦାସ କହିଛନ୍ତି। ରବିବାର ଯେଉଁମାନେ ପୋଲିଓ ବୁନ୍ଦା ନେଇ ପାରିବେ ନାହିଁ , ସେମାନଙ୍କୁ ମାର୍ଚ୍ଚ ୪ ଏବଂ ୫ ତାରିଖ ଦୁଇ ଦିନ ଧରି ପୋଲିଓ ବୁନ୍ଦା ପ୍ରଦାନ କରାଯିବ। ଜିଲାର ଅଙ୍ଗନୱାଡି, ଆଶା କର୍ମୀ ଓ ସ୍ୱାସ୍ଥ୍ୟ କର୍ମୀ ପ୍ରତି ଘରକୁ ଯାଇ ଶିଶୁମାନଙ୍କୁ ପୋଲିଓ ବୁନ୍ଦା ଦେବା ବ୍ୟବସ୍ଥା ହୋଇଥିବା ସିଡିଏମଓ ଦାସ କହିଛନ୍ତି।

# ସମସ୍ତେ ଭୁଲିଯାଇଛନ୍ତି ପ୍ରତିଶ୍ରୁତି

■ ପଦୁଗୁଡ଼ା, କୁଦାଲଅଟାଲ ଓ ତବଜାଗୁଡ଼ାକୁ ନାହିଁ ରାସ୍ତା
■ ଭୋଟ ବର୍ଜନ କରିବେ, ଧାରଣା ଦେବେ
■ ୬ ମାସ ତଳେ ଜଣେ କୁନିଝିଅ ପ୍ରଶାସନକୁ ଜଣାଇଥିଲେ ସମସ୍ୟା


ଗ୍ରାମବାସୀମାନେ ଅଭିଯୋଗ କରୁଛନ୍ତି ।

ଦଶମନ୍ତପୁର, ୨।୩ (ଅରବିନ୍ଦ ନାୟକ )
କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅଧୀନରେ ଥିବା ଅଧିକାଂଶ ଗ୍ରାମାଞ୍ଚଳରେ ରାସ୍ତା ନ ଥିବାରୁ ଗ୍ରାମବାସୀ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏନେଇ ବିଭାଗୀୟ ଅଧିକାରୀ ଓ ସ୍ଥାନୀୟ ଜନ ପ୍ରତିନିଧିମାନଙ୍କୁ ଜଣାଇ କିଛି ସୁଫଳ ମିଳୁନାହିଁ। ଫଳରେ ଗ୍ରାମବାସୀ ଆଗାମୀ ଦିନରେ ହେବାକୁ ଥିବା ନିର୍ବାଚନରେ ଭୋଟ ବର୍ଜନ କରିବାକୁ ଚେତାବନୀ ଦେଇଛନ୍ତି। ଏପରି ଦେଖିବାକୁ ମିଳିଛି ବ୍ଲକର ଲୁଲା ପଞ୍ଚାୟତରେ ଥିବା ୩ ଖଣ୍ଡ ଗ୍ରାମ ପଦୁଗୁଡା, କୁଦାଲଅଟାଲ ଓ ତବଜାଗୁଡା ଗ୍ରାମ କ୍ଷେତ୍ରରେ। ପଦୁଗୁଡା ଗ୍ରାମରେ ୯୫ ପରିବାର ବସବାସ କରୁଥିବା ବେଳେ କୁଦାଲଅଟାଲରେ ୮୫ ଏବଂ ତବଜାଗୁଡା ଗ୍ରାମରେ ୭୦ ପରିବାର ବସବାସ କରନ୍ତି। ଶୁଣ୍ଡିଲୁଲାଠାରୁ ପଦୁଗୁଡା ଗ୍ରାମ ଦେଇ କୁଦାଲଅଟାଲ ଓ ତବଜାଗୁଡା ଗ୍ରାମକୁ ଯିବାକୁ ହେଲେ ପ୍ରାୟ ୯ କି.ମି . ଅତିକ୍ରମ କରିବାକୁ ପଡେ। ତେବେ ଶୁଣ୍ଡିଲୁଲାଠାରୁ ପଡିଥିବା ରାସ୍ତା ଖାଲଖମା ହୋଇ ମରଣଯନ୍ତା ପାଲଟିଛି। ଏହି ରାସ୍ତାରେ ଗ୍ରାମବାସୀ ବହୁ କଷ୍ଟରେ ଯାତାୟାତ କରୁଛନ୍ତି। ଗ୍ରାମର କୌଣସି ଗୁରୁତର ରୋଗୀ କିମ୍ବା ଗର୍ଭବତୀଙ୍କୁ ଡାକ୍ତରଖାନା ନେବାକୁ ହେଲେ ଗ୍ରାମରୁ ଲୁଲା ଛକ ୯ କି.ମି. ଦୋଳା ଏବଂ ଭାରରେ ଜଙ୍ଗଲିଆ ରାସ୍ତା ଦେଇ ଆସି ଲୁଲା ଛକରୁ ଆମ୍ବୁଲାନ୍ସ କିମ୍ବା ଅନ୍ୟ ଗାଡ଼ିରେ ଦଶମନ୍ତପୁର କିମ୍ବା କୋରାପୁଟ ଡାକ୍ତରଖାନା ନେବାକୁ ହୁଏ। ଗତ ୨୪।୮।୨୩ରେ ଏକ ଜିଲାସ୍ତରୀୟ କାର୍ଯ୍ୟକ୍ରମରେ ସରକାର ଉପରୋକ୍ତ ୩ ଖଣ୍ଡ ଗ୍ରାମ ପ୍ରତି ଅଣଦେଖା କରୁଥିବା ଜଣାଇ ଜଣେ କୁନି କଳାକାର ଗ୍ରାମଗୁଡିକର ସମସ୍ୟାକୁ ଅଭିନୟ ଓ ନୃତ୍ୟ ସଙ୍ଗୀତ ମାଧ୍ୟମରେ ପରିବେଷଣ କରିଥିଲେ। ଏହି କୁନି ଝିଅର ପ୍ରଭାବରେ ସମ୍ପୃକ୍ତ ଗ୍ରାମଗୁଡିକୁ ଜିଲା ଓ ବ୍ଲକ ପ୍ରଶାସନର ଅଧିକାରୀମାନେ ଆସି ସମସ୍ୟା ଅନୁଧ୍ୟାନ କରି ସମସ୍ତ ସମସ୍ୟା ସାମଧାନ କରାଯିବ ବୋଲି ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇ ଫେରିଥିଲେ। ବିଭିନ୍ନ ଦଳର ରାଜନେତାମାନେ ମଧ୍ୟ ସେତେବେଳେ ଏହି ୩ ଗ୍ରାମକୁ ଆସିବାକୁ ଭୁଲି ନ ଥିଲେ। ତେବେ ଇତିମଧ୍ୟରେ ୬ମାସ ବିତିଯାଇଥିଲେ ମଧ୍ୟ ଅଧିକାରୀ ଓ ଜନ ପ୍ରତିନିଧିମାନଙ୍କ ପ୍ରତିଶ୍ରୁତି ପୂରଣ ହୋଇନି। ଗ୍ରାମ ପରିଦର୍ଶନ କରି ଯିବା ପରେ ସମସ୍ତେ ପ୍ରତିଶ୍ରୁତି ଭୁଲିଯାଇଛନ୍ତି ବୋଲି ଗ୍ରାମର ରାଜୀବ ସାଉଁତା, ଅମି ସାଉଁତା, ମେଟା ମୁଦୁଲି, ମନ ସାଉଁତା, କଂସାରି ସାଉଁତା, ଜେନା ଗରଡ଼ା, ବନ ନାଏକ, ବାସନ୍ତି ମୁଦୁଲି, ଦୁଲ ମୁଦୁଲି, ଦୀପ ଦିଶାରି ପ୍ରମୁଖ କହିଛନ୍ତି। ଆସନ୍ତା ୭ ଦିନ ମଧ୍ୟରେ ଗ୍ରାମର ରାସ୍ତା ସମସ୍ୟା ସମାଧାନ ନ କଲେ ଆମେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବୁ ଏବଂ ଆଗାମୀ ଦିନରେ ହେବାକୁ ଥିବା ସାଧାରଣ ନିର୍ବାଚନରେ ଭୋଟ ବର୍ଜନକରିବୁ ବୋଲି ସେମାନେ ଚେତାବନୀ ଦେଇଛନ୍ତି।